This Question Paper consists of 25 questions 7 printed pages.
ଏହି ପ୍ରଶ୍ନପତ୍ରରେ ମୋଟ 25 ଟି ପ୍ରଶ୍ନ ଅଛି ଏବଂ 7 ମୁଦ୍ରିତ ପୃଷ୍ଠା ଅଛି।

Roll No. | | | | | | | | | | | | |
ରୋଲ ନଂ

**Code No.** **65/S/A/OR**
କୋଡ୍ ନମ୍ବର

**Set /** ସେଟ୍ **A**

# ODIA
# ଓଡ଼ିଆ
# (233)

Day and Date of Examination ..........................................
(ପରୀକ୍ଷାର ଦିନାଙ୍କ ଓ ତାରିଖ)

Signature of Invigilators 1. ..........................................
(ନିରୀକ୍ଷକଙ୍କ ସ୍ୱାକ୍ଷର)
2. ..........................................

---

*ସାଧାରଣ ନିର୍ଦ୍ଦେଶାବଳୀ :*

1. ପ୍ରଶ୍ନପତ୍ରର ପ୍ରଥମ ପୃଷ୍ଠାରେ ପରୀକ୍ଷାର୍ଥୀ ନିଜର ରୋଲ୍ ନମ୍ବର ନିର୍ଦ୍ଦିଷ୍ଟ ସ୍ଥାନରେ ନିଶ୍ଚିତ ଲେଖନ୍ତୁ।

2. ପ୍ରଶ୍ନପତ୍ରର ସମସ୍ତ ମୁଦ୍ରିତ ପୃଷ୍ଠା ଓ ପ୍ରଶ୍ନସଂଖ୍ୟା ପ୍ରଶ୍ନପତ୍ରର ପ୍ରଥମ ପୃଷ୍ଠାରେ ଦିଆଯାଇଥିବା ସଂଖ୍ୟା ସହ ମିଳାଇ ନିଅନ୍ତୁ।

3. ଉତ୍ତର ପୁସ୍ତିକାରେ ସମସ୍ତ ପ୍ରଶ୍ନର ଉତ୍ତର ଲେଖନ୍ତୁ।

4. ସମସ୍ତ ପ୍ରଶ୍ନର ଉତ୍ତର ନିର୍ଦ୍ଧାରିତ ସମୟ ଭିତରେ ଦେବାକୁ ହେବ।

5. ଉତ୍ତର ପୁସ୍ତିକାର ନିର୍ଦ୍ଦିଷ୍ଟ ସ୍ଥାନ ବ୍ୟତିତ ଅନ୍ୟ କୌଣସି ସ୍ଥାନରେ ପରୀକ୍ଷାର୍ଥୀ ଯଦି ନିଜ ରୋଲ୍ ନମ୍ବର ଲେଖନ୍ତି କିମ୍ବା ଅନ୍ୟ କିଛି ଚିହ୍ନ ଦିଅନ୍ତି ତେବେ ପରୀକ୍ଷାର୍ଥୀଙ୍କୁ ଅଯୋଗ୍ୟ ଘୋଷିତ କରାଯିବ।

6. ପ୍ରଶ୍ନପତ୍ରର କୋଡ୍ ନମ୍ବର 65/S/A/OR ସେଟ୍ A ଉତ୍ତର ପୁସ୍ତିକାରେ ଥିବା ନିର୍ଦ୍ଦିଷ୍ଟ ସ୍ଥାନରେ ଲେଖନ୍ତୁ।

# ODIA

## ଓଡ଼ିଆ

## (233)

ସମୟ : 3 ଘଣ୍ଟା ] [ ପୂର୍ଣ୍ଣ ସଂଖ୍ୟା : 100

**ନୋଟ୍ :** (i) **ସମସ୍ତ** ପ୍ରଶ୍ନର ଉତ୍ତର ଦିଅ।

(ii) ପ୍ରତ୍ୟେକ ପ୍ରଶ୍ନ ସମ୍ମୁଖରେ ନିର୍ଦ୍ଧାରିତ ସଂଖ୍ୟା (ମାର୍କ) ସୂଚିତ ହୋଇଛି।

**1.** ସନ୍ଧି ବିଚ୍ଛେଦ କର (**2** ଟିର) : 3

ସଦାନନ୍ଦ, ବିଦ୍ୟାଳୟ, ନିର୍ଭୁଲ, ସୂର୍ଯ୍ୟୋଦୟ

**2.** ବିପରୀତାର୍ଥବୋଧକ ଶବ୍ଦ ଲେଖ (**4** ଟିର) : ½+½+½+½=2

ଅଗ, ଉଦୟ, ଉତ୍ସାହ, ଅନୁକୂଳ

**3.** ନିମ୍ନଲିଖିତ ସମୋଚ୍ଚାରିତ ଶବ୍ଦର ଅର୍ଥ ଲେଖ : 2

ସାକ୍ଷର–ସ୍ୱାକ୍ଷର, ଉପାଦାନ–ଉପାଧାନ

**4.** ରୂଢ଼ିମାନଙ୍କର ଅର୍ଥ ଲେଖ (**3** ଟିର) : 3

ଅକାଳେ ନିୟମ ନାସ୍ତି, ସ୍ୱର୍ଗକୁ ନିଶୁଣୀ ନାହିଁ କି ବଡ ଲୋକଙ୍କୁ ଉତ୍ତର ନାହିଁ, ଶୋଇଲା ପୁଅର ଭାଗ ନାହିଁ, ସଭାରେ ହାଣ୍ଡି ଭାଙ୍ଗିବା

**5.** ପରୋକ୍ଷୋକ୍ତିରେ ପରିଣତ କର : 1

ସନ୍ତୋଷ କହିଲା—''ରାଜେଶ ମୋର ସାନ ଭାଇ''

**6.** ଏକ ପଦରେ ପ୍ରକାଶ କର : 1

ପଛେ ପଛେ ଗମନ, ଶହେରୁ ଅଧିକ

**7.** ନିମ୍ନଲିଖିତ ପ୍ରତ୍ୟୟଗୁଡ଼ିକ ମଧ୍ୟରୁ ଯେକୌଣସି **୩ଟି** ପ୍ରତ୍ୟୟକୁ ନେଇ ଗୋଟିଏ ଗୋଟିଏ ଶବ୍ଦ ଗଠନ କର : 3

ଅନୀୟ, ଅନ୍ତା, ଉଆଳି, ଉକ

**8.** ଠିକ୍ ଉତ୍ତର ବାଛି ଲେଖ : 1

ବାହୁଡ଼ିବ ଏବେ ଦାରୁଣ ସଂସାରରେ ଅର୍ଥ

(କ) କବି ପୁଣି ସଂସାରକୁ ବାହୁଡ଼ିବାକୁ ଚାହାନ୍ତି

(ଖ) କବି ପୁଣି ସଂସାରକୁ ବାହୁଡ଼ିବା ବାଧ୍ୟତାମୂଳକ

(ଗ) ଅନିଚ୍ଛାସତ୍ତ୍ୱେ ଦୁଃଖର ସହ ସଂସାରକୁ ବାହୁଡ଼ିବା ପାଇଁ କବି ବାଧ୍ୟ

**9.** ନିମ୍ନଲିଖିତ ବାକ୍ୟଗୁଡ଼ିକ ମଧ୍ୟରୁ ସରଳ ବାକ୍ୟ, ଜଟିଳ ବାକ୍ୟ, ଯୌଗିକ ବାକ୍ୟ ଚିହ୍ନାଅ : 3

(କ) ଯେଉଁ ଛାତ୍ରମାନେ ପରିଶ୍ରମ କରନ୍ତି, ସେମାନେ ପରୀକ୍ଷାରେ କୃତକାର୍ଯ୍ୟ ହୁଅନ୍ତି।

(ଖ) ସେ ଦୋଷ କରିବାରୁ ଦଣ୍ଡ ପାଇଲା।

(ଗ) କେତେକ ଲୋକ ସଂସ୍କୃତ ଜାଣନ୍ତି କିନ୍ତୁ କହିପାରନ୍ତି ନାହିଁ।

**10.** ବନ୍ଧନୀ ମଧ୍ୟରୁ ଉପଯୁକ୍ତ ଶବ୍ଦ ବାଛି ଶୂନ୍ୟସ୍ଥାନ ପୂରଣ କର : 1

କୋରାପୁଟର କଥିତ ଭାଷା ______ ଅଟେ। (ଦେଶିଆ, ଗାଦବା, କନ୍ଧ)

**11.** ଏକ ଅର୍ଥ ପ୍ରକାଶ କରୁଥିବା ଦୁଇଟି ଶବ୍ଦ ଲେଖ : 1

ପୃଥିବୀ

**12.** ନିମ୍ନଲିଖିତ ଶବ୍ଦର ପଦ୍ୟ ରୂପ ଲେଖ (**2** ଟିର) : 2

ଗ୍ରାହକ, ତ୍ରାସ, ପ୍ରାଣ, ପ୍ରାକୃତ

**13.** 'କ' ସ୍ତମ୍ଭରେ ଥିବା ଶବ୍ଦମାନଙ୍କ ସହ 'ଖ' ସ୍ତମ୍ଭରେ ଦିଆଯାଇଥିବା ଶବ୍ଦର ସଂପର୍କ ଦର୍ଶାଇ ଉତ୍ତର ପୁସ୍ତିକାରେ ଠିକ୍ ଉତ୍ତର ଲେଖ (**3** ଟି) : 3

| **'କ' ସ୍ତମ୍ଭ** | **'ଖ' ସ୍ତମ୍ଭ** |
|---|---|
| (କ) ଉଦାସୀନ | *(i)* ଜୀବଦ୍ଦଶାରେ ମୃତ୍ୟୁ ଯନ୍ତ୍ରଣା |
| (ଖ) ଛାର | *(ii)* ସଂସାର ବିରାଗୀ |
| (ଗ) ମହୋତ୍ସବମୟ | *(iii)* ତୁଚ୍ଛ |
| (ଘ) ଜୀବନ୍ତ ମରଣ | *(iv)* ଆନନ୍ଦମୟ |
| (ଙ) ହସି ଖେଳି | *(v)* ଜୀବନଯାତ୍ରା |

**14.** ନିମ୍ନଲିଖିତ ଶବ୍ଦମାନଙ୍କର ବର୍ତ୍ତମାନ ପ୍ରଚଳିତ ରୂପ ଲେଖ (**2** ଟିର) : 2

ଦଇବତ, ବିବାନ, ପ୍ରତକ୍ଷେ, ଆଗ୍ୟାଂ

**15.** ନିମ୍ନଲିଖିତ ଶବ୍ଦଟି କେଉଁ ପ୍ରକାର ପଦ, ବନ୍ଧନୀ ମଧ୍ୟରୁ ଠିକ୍ ଉତ୍ତର ବାଛି ଲେଖ : 1

ଅନୁଧ୍ୟାନ (ବିଶେଷ୍ୟ, ବିଶେଷଣ)

**16.** 'ଦୋଳାୟମାନ' ପରି ଆଉ ଏକ ଶବ୍ଦ ଲେଖ। 1

**17.** ବନ୍ଧନୀ ମଧ୍ୟରୁ ଠିକ୍ ଶବ୍ଦ ବାଛି ଶୂନ୍ୟସ୍ଥାନ ପୂରଣ କର : 1

ନୟନ ଦେଲା ______ ଛବି। (ଅପର, ରୂପର, ତାପର, ମାପର)

**18.** ଆମେ କ'ଣ ସ୍ୱୀକାର କରିବାକୁ ଅରାଜି? 1

(କ) ଆମ ଅପରାଧର ବିଭୀଷିକାମୟ କାହାଣୀ

(ଖ) ଆମ ସଫଳତାର କାହାଣୀ

(ଗ) ଆମ ଦୋଷ ଦୁର୍ବଳତାର କାହାଣୀ

**19.** ସଂକ୍ଷେପରେ ଉତ୍ତର ଦିଅ (**6** ଟିର) : 1½×6=9

(କ) ଧ୍ୱନି ସ୍ଥାପନ ପାଇଁ କିଏ ଆଜ୍ଞା ଦେବେ ବୋଲି କବି କହିଛନ୍ତି?

(ଖ) ନୀଳ ଶାଢ଼ି ବୋଲି କବି କାହାକୁ କହିଛନ୍ତି?

(ଗ) ଅଗସ୍ତିଙ୍କ ପାଦକୁ କାହା ସହିତ ତୁଳନା କରାଯାଇଛି?

(ଘ) ଶୁଦ୍ଧ ସ୍ଫଟିକ ସହିତ କାହାର ରୂପ ତୁଳନୀୟ?

(ଙ) ଖଦ୍ୟୋତ କିପରି ତୃପ୍ତି ଲାଭ କରେ?

(ଚ) କବି କାହାଠାରୁ ମେଲାଣି ମାଗିଛନ୍ତି?

(ଛ) ବିଲଙ୍କ ରାଜାଙ୍କର ଅଗସ୍ତିଙ୍କ ପ୍ରତି କେଉଁ ଭାବ ପ୍ରକାଶ ପାଇଛି?

**20.** ସଂକ୍ଷେପରେ ଯେକୌଣସି **ତିନୋଟି** ପ୍ରଶ୍ନର ଉତ୍ତର ଦିଅ : 3×3=9

(କ) ମାଲକାନଗିରିର ଗାନ୍ଧି କିଏ?

(ଖ) ପାସେଞ୍ଜର ଟ୍ରେନ୍‌ଟି କେଉଁଠାରୁ ଯାତ୍ରା ଆରମ୍ଭ କରିଥିଲା?

(ଗ) କେଉଁ କେଉଁମାନେ ଟ୍ରେନ୍‌ରେ ଲେଖକଙ୍କ ସହିତ ଯାଉଥିଲେ?

(ଘ) ଆଚାର୍ଯ୍ୟଙ୍କ ଉପସ୍ଥିତିରେ ଲେଖକଙ୍କ ସହଯାତ୍ରୀମାନଙ୍କର ମନରେ କି ପ୍ରତିକ୍ରିୟା ଦେଖା ଦେଇଥିଲା?

**21.** ନିମ୍ନଲିଖିତ ପ୍ରଶ୍ନଗୁଡ଼ିକ ମଧ୍ୟରୁ ଯେକୌଣସି **ତିନୋଟି** ପ୍ରଶ୍ନର ଉତ୍ତର ଦିଅ : 7×3=21

(କ) 'ମାଡ଼ ହାଣ୍ଡି କଥା' କାହାଣୀର ମୂଳ ଉଦ୍ଦେଶ୍ୟ ବର୍ଣ୍ଣନା କର।

(ଖ) କଲାମଙ୍କ ଜୀବନର ଚାରୋଟି ମାଇଲଖୁଣ୍ଟ ବିଷୟରେ କଲାମ କ'ଣ କହିଛନ୍ତି?

(ଗ) 'ମୂର୍ଖ ପଣ୍ଡିତ ସମସ୍ୟା' ପ୍ରବନ୍ଧରୁ କି ଶିକ୍ଷା ମିଳେ?

(ଘ) ଉଡ୍‌ଡିୟାନ ବୋଲି କେଉଁ ଅଞ୍ଚଳର ନାମ ଥିଲା, ଏହାର ସାଂସ୍କୃତିକ ବୈଶିଷ୍ଟ୍ୟ କ'ଣ ଥିଲା?

(ଙ) ପର୍ବତ ଆରୋହଣରୁ ମଣିଷ କ'ଣ ଶିଖେ?

**22.** ଯେକୌଣସି **ଦୁଇଟି** ପ୍ରଶ୍ନର ଉତ୍ତର ଦିଅ : 6+6=12

(କ) ଚିଲିକାଠାରୁ ମେଲାଣି ମାଗିଲାବେଳେ କବି ଦୁଃଖରେ ଭାଙ୍ଗି ପଡ଼ିଛନ୍ତି କାହିଁକି?

(ଖ) ଖଦ୍ୟୋତ କାହିଁକି ପ୍ରଶଂସା ଓ ଆଦର ଲାଭ କରେ?

(ଗ) ଗାଁର କେଉଁ ଦୁଇଟି ଦୃଶ୍ୟ ସଚ୍ଚି ରାଉତରାୟଙ୍କୁ କବି ହେବାର ପ୍ରେରଣା ଯୋଗାଇଛି?

**23.** *200* ଟି ଶବ୍ଦ ମଧ୍ୟରେ ଯେକୌଣସି **ଗୋଟିଏ** ବିଷୟରେ ରଚନା ଲେଖ : 10

(କ) ଉତ୍କଳର ପର୍ବପର୍ବାଣୀ

(ଖ) ଜାତୀୟ ସଂହତି

(ଗ) ପରିବେଶ ସୁରକ୍ଷା

**24.** ଅଧିକ ସମୟ ଦୂରଦର୍ଶନ ଦେଖିବାରୁ ନିବୃତ୍ତ ରହିବାକୁ ପରାମର୍ଶ ଦେଇ ତୁମ ସାନଭାଇ ପାଖକୁ ଏକ ପତ୍ର ଲେଖ। 5

*କିମ୍ବା*

ବିଦ୍ୟାଳୟରୁ କେତୋଟି ପିରିୟଡ ପାଇଁ ଛୁଟି ନେବା ନିମନ୍ତେ ପ୍ରଧାନ ଶିକ୍ଷକଙ୍କୁ ଦରଖାସ୍ତ ଲେଖ।

**25.** ଓଡ଼ିଆରେ ଅନୁବାଦ କର : 2

(କ) Honesty is the best policy.

(ଖ) God is almighty.

★ ★ ★